# NATIONAL NEWS BULLETIN (ODIA)

## 17 September - 2025

## Morning Bulletin : 7.15 A.M.

*******************************

## <u>ମୁଖ୍ୟ ସମ୍ବାଦ</u>

- ମଧ୍ୟପ୍ରଦେଶର ଧାର୍ ଠାରେ ଆଜି ସୁସ୍ଥ ନାରୀ ସଶକ୍ତ ପରିବାର ଓ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ବାର୍ଷିକୀ ଅବସରରେ ବିଜେପି ପକ୍ଷରୁ ଆଜିଠାରୁ ଦେଶବ୍ୟାପି ପାଳନ କରାଯାଉଛି ସେବାପକ୍ଷ ।
- ଚଳିତ ବର୍ଷ ରବି ଋତୁ ପାଇଁ ୩୨୬ ଦଶମିକ୍ ୫ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି, କହିଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ଜେନ୍ ଜେଡ୍ ବିକ୍ଷୋଭ ପ୍ରଦର୍ଶନ ସମୟରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସ୍ମୃତିରେ ଆଜି ନେପାଳରେ ପାଳନ କରାଯାଉଛି ଶୋକ ଦିବସ ।

ଏବଂ

- ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗତକାଲିର ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୮ ରନ୍‌ରେ ପରାସ୍ତ କଲା ବାଂଲାଦେଶ ।

# ପିଏମ୍-ମଧ୍ୟପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶ ଗସ୍ତରେ ଯିବେ । ଧାର ଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଏବଂ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ କରିବେ । ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଦେଶ ବ୍ୟାପି ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ।

ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରଧାନମନ୍ତ୍ରୀ ସହାୟତା ରାଶି ପ୍ରଦାନ କରିବେ । ପ୍ରାୟ ୧୦ ଲକ୍ଷ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଡି.ବି.ଟି. ମାଧ୍ୟମରେ ଅର୍ଥ ପଠାଯିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉନ୍ନତି ଦିଗରେ ସଚେତନତା ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ସୁମନଶକ୍ତି ଚାଟ୍‌ବଟ୍‌ର ଶୁଭାରମ୍ଭ କରିବେ । ଆଦି କର୍ମଯୋଗୀ ଅଭିଯାନର ଅଂଶସ୍ୱରୂପ ଶ୍ରୀ ମୋଦୀ ମଧ୍ୟପ୍ରଦେଶ ପାଇଁ ଆଦିସେବା ପର୍ବର ମଧ୍ୟ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଅଧୀନରେ ପ୍ରଧାନମନ୍ତ୍ରୀ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ମହିଳା ହିତାଧିକାରୀଙ୍କୁ ଉପହାର ସ୍ୱରୂପ ଚାରା ପ୍ରଦାନ କରିବେ ।

# ବିଜେପି-ସେବା ପକ୍ଷଖ୍ୱାଡା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଭାରତୀୟ ଜନତାପାର୍ଟି ପକ୍ଷରୁ ଆଜି ଠାରୁ ଦେଶରେ ସେବା ପକ୍ଷ ପାଳନ କରାଯାଉଛି । ଆସନ୍ତା ମାସ ୨ ତାରିଖ ମହାତ୍ମା ଗାନ୍ଧି ଏବଂ ଲାଲବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ବାର୍ଷିକୀ ପର୍ଯ୍ୟନ୍ତ ୧୫ ଦିନ ଧରି ଏହି ପକ୍ଷ ପାଳନ କରାଯିବ । ଦଳ ପକ୍ଷରୁ କୁହାଯାଇଛି, ଶ୍ରୀ ମୋଦୀ ପ୍ରଥମେ ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ ଭାବେ ଜନସେବା ଏବଂ ସାମାଜିକ ସଂସ୍କାରକୁ ନିରନ୍ତର ଭାବେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଆଜିଠାରୁ ସେବା ପକ୍ଷ ପାଳନ ଅବସରରେ ଦଳ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ଏବଂ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଏଥିରେ ସମାଜର ବିଭିନ୍ନ ବର୍ଗର ସକ୍ରିୟ ଅଂଶଗ୍ରହଣକୁ ଦଳ ପକ୍ଷରୁ ଆହ୍ୱାନ କରାଯାଇଛି । କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା, ସ୍ୱଚ୍ଛତାକୁ ପ୍ରୋତ୍ସାହନ, ଜଳଯୋଗାଣ ଏବଂ ପରିବେଶ ସୁରକ୍ଷା ସୁନିଶ୍ଚିତ କରାବା ଆଦି ପ୍ରସଙ୍ଗ ଗୁଡ଼ିକ ଉପରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉଛି ।

## ବୈଷ୍ଣବ-ପିଏମ୍ ୱିସ୍

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୭୫ତମ ଜନ୍ମ ବାର୍ଷିକୀ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଭାରତକୁ ଏକ ନୂତନ ମାର୍ଗଦର୍ଶନ କରିଛି । ଶ୍ରୀ ମୋଦୀଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଦେଶକୁ ବିକାଶ, ସଶକ୍ତ ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାରରେ ସହାୟକ ହେବ ବୋଲି ଶ୍ରୀ ବୈଷ୍ଣବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ପିଏମ୍-ଟ୍ରମ୍ପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଛନ୍ତି । ଶ୍ରୀ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଓ ଆମେରିକା ବ୍ୟାପକ ଏବଂ ବିଶ୍ୱ ସହଭାଗିତାକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଶ୍ରୀ ଟ୍ରମ୍ପ୍‌ଙ୍କ ସହ ସେ ପ୍ରତିଶ୍ରୁତିବଦ୍ଧ । ୟୁକ୍ରେନ୍ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଶ୍ରୀ ଟ୍ରମ୍ପ୍‌ଙ୍କ ପଦକ୍ଷେପକୁ ଭାରତ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଅମିତ ଶାହା–୧୫ ମେଜର୍ ସ୍କିମସ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ୧୫ଟି ପ୍ରମୁଖ ଯୋଜନାର ଶୁଭାରମ୍ଭ କରିବେ । ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଦୃଷ୍ଟିହୀନ କଲେଜ୍ ଛାତ୍ରୀଙ୍କ ପାଇଁ ଅଟଳ ଦୃଷ୍ଟି ଛାତ୍ରାବାସ, ଭିନ୍ନକ୍ଷମଙ୍କ ପାଇଁ ଅଟଳ ଆଶା ଗୃହ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସାବିତ୍ରିବାଈ ଫୁଲେ ଆବାସ ଯୋଜନାର ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି, ସମାଜରେ ପ୍ରତ୍ୟେକ ବର୍ଗଙ୍କୁ ସମାନତା ପ୍ରଦାନ କରିବା ନେଇ ସରକାରଙ୍କ ପ୍ରତିବଦ୍ଧତାର ଏହି ଯୋଜନା ଗୁଡ଼ିକ ଏକ ପ୍ରତିଫଳନ ।

# ଶିବରାଜ ସିଂହ ଚୌହାନ

ଚଳିତ ବର୍ଷ ରବି ଋତୁ ପାଇଁ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ୩୨୬ ଦଶମିକ୍ ୫ ନିୟୁତ ଟନ୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଜାତୀୟ କୃଷି ସମ୍ମିଳନୀ ରବି ଅଭିଯାନ ୨୦୨୫ ଶ୍ରୀ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହାପରେ ସାମ୍ବାଦିକଙ୍କ ସହ ଆଲୋଚନା କାଳରେ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଗତବର୍ଷ

ତୁଳନାରେ ଚଳିତ ବର୍ଷ ଖାଦ୍ୟଶସ୍ୟ ଉତ୍ପାଦନ ୨ ଦଶମିକ୍ ୪ ପ୍ରତିଶତ ଅଧିକ ହେବ । ଦେଶର ଆବଶ୍ୟକତାକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ବିହନ ଗଚ୍ଛିତ ରହିଛି ବୋଲି ସେ କହିଛନ୍ତି । ଏକ ରାଷ୍ଟ୍ର ଏକ କୃଷି ଏକ ଦଳ ଏବଂ କୃଷି କ୍ଷେତ୍ରରେ ସମନ୍ୱୟ ଓ ସହଭାଗିତାକୁ ସୁଦୃଢ଼ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ନେପାଳ-ମର୍ଣ୍ଣ

ନେପାଳରେ ସାମ୍ପ୍ରତିକ ସଂଘଟିତ ବିକ୍ଷୋଭ ପ୍ରଦର୍ଶନ ବେଳେ ମୃତ୍ୟୁବରଣ କରିଥିବା ସମସ୍ତଙ୍କ ସ୍ମୃତିରେ ଆଜି ସେଠାରେ ଦେଶ ବ୍ୟାପି ଶୋକ ଦିବସ ପାଳନ କରାଯାଉଛି ।  ଜେନ୍ ଜେଡ୍ ପକ୍ଷରୁ ଡାକରା ଦିଆଯାଇଥିବା ବିକ୍ଷୋଭ ସମୟରେ ହିଂସାତ୍ମକ ଘଟଣା ଯୋଗୁଁ ୫୯ ଜଣ ବିକ୍ଷୋଭକାରୀ, ୧୦ ଜଣ କଏଦୀ ଏବଂ ୩ ଜଣ ପୁଲିସ କର୍ମଚାରୀଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ପରିବାର ପାଇଁ ସରକାର ୧ ଦଶମିକ୍ ୫ ମିଲିୟନ୍ ନେପାଳୀ ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

ଗୃହ ମନ୍ତ୍ରୀ ଆର୍ଯ୍ୟାଲ କହିଛନ୍ତି, ପ୍ରତ୍ୟେକ ଶୋକସନ୍ତପ୍ତ ପରିବାରକୁ ୧ ମିଲିୟନ୍ ନେପାଳୀ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଅତିରିକ୍ତ ୫ ଲକ୍ଷ ନେପାଳୀ ଟଙ୍କା ପ୍ରଦାନ କରାଯିବ । ଏହି ଘଟଣାରେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ପ୍ରଦାନ କରିବା ସହ ସୁଶୀଳା କାର୍କି ଦେଶର

କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ଗତ ରବିବାର ଦାୟିତ୍ୱ ଗ୍ରହଣ କରିବା ପରେ ସେ କହିଛନ୍ତି, ଜେନ୍ ଜେଡ୍ ବିକ୍ଷୋଭ ସମୟରେ ଗତ ୮ ଓ ୯ ତାରିଖରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ସହିଦ ଘୋଷଣା କରାଯିବ ।

## ନଡ୍ଡା-ମରିସସ୍ ପ୍ରଧାନମନ୍ତ୍ରୀ

ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ୍‌ଙ୍କ ସହ ନୂଆଦିଲ୍ଲୀ ଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଗତକାଲି ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ସ୍ଥାୟୀ ସାଂସ୍କୃତିକ ଏବଂ ଐତିହ୍ୟ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲକ୍ଷ୍ୟ ନେଇ ମରିସସ୍‌ରେ ଏକ ଆୟୁଷ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଏବଂ ନୂତନ ଏସ୍.ଏସ୍.ଆର୍. ଜାତୀୟ ହସ୍ପିଟାଲ୍ ନିର୍ମାଣରେ ଭାରତର ସହଯୋଗକୁ ଶ୍ରୀ ନଡ୍ଡା ସ୍ୱାଗତ କରିଛନ୍ତି । ମରିସସ୍‌ରେ ପ୍ରଥମ ବିଦେଶୀ ଜନଔଷଧୀ କେନ୍ଦ୍ରର ଶୁଭାରମ୍ଭକୁ ମଧ୍ୟ ଶ୍ରୀ ନଡ୍ଡା ଉଚ୍ଚ ପ୍ରଶଂସା କରିଛନ୍ତି । ୯ ତାରିଖ ଠାରୁ ଗତକାଲି ପର୍ଯ୍ୟନ୍ତ ଶ୍ରୀ ରାମଗୁଲାମ୍ ସରକାରୀ ଗସ୍ତରେ ଭାରତ ଆସିଥିଲେ । ଏହି ଅବସରରେ ସେ ବିଭିନ୍ନ ରାଜନୈତିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଆଇଜିଏନ୍‌ସିଏ-ମନ୍‌କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍ ଆଧାରିତ ଏକ ପ୍ରଦର୍ଶନୀ ଗତକାଲି ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । ଇନ୍ଦିରା ଗାନ୍ଧି ଜାତୀୟ କଳାକେନ୍ଦ୍ର ଠାରେ ଆୟୋଜିତ ଏହି ପ୍ରଦର୍ଶନୀରେ ପଦ୍ମଭୂଷଣ ରାମ୍ ବାହାଦୂର ରାୟଙ୍କ ଚିତ୍ରକଳା ପ୍ରଦର୍ଶିତ ହେଉଛି । କଳାକେନ୍ଦ୍ର ପକ୍ଷରୁ କୁହାଯାଇଛି, ଏହି ପ୍ରଦର୍ଶନୀ ଏକ ସଂକ୍ଷିପ୍ତ ବର୍ଣ୍ଣନା ମାଧ୍ୟମରେ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ବାଖ୍ୟା କରିବାର ଅନନ୍ୟ ପ୍ରୟାସ । ଦର୍ଶକଙ୍କୁ ଏହି କାର୍ଯ୍ୟକ୍ରମ ସହ ଏକ ନୂତନ ଭାବେ ସଂଶ୍ଲିଷ୍ଟ କରିବାକୁ ପ୍ରଦର୍ଶନୀ ମଞ୍ଚ ପ୍ରଦାନ କରିବ । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଏହି ପ୍ରଦର୍ଶନୀ ପୂର୍ବାହ୍ନ ସାଢ଼େ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଖୋଲା ରହିବ ।

# ଇଣ୍ଡିଆ-ରୁଷ

ଭାରତ-ରୁଷ ଦୀର୍ଘକାଳୀନ ପ୍ରତିରକ୍ଷା ସମ୍ପର୍କର ଅଂଶସ୍ୱରୂପ ରୁଷର ନିଝନି ନୋଭ୍‌ଗୋରଡ୍ ଠାରେ ମିଳିତ ସାମରିକ ଅଭ୍ୟାସ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଜାପାଡ୍ ୨୦୨୫ ନାମରେ ନାମିତ ଏହି ସମାରାଭ୍ୟାସରେ ଭାରତର ତିନି ସେନାର ୬୫ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ସେନାର କୁମାୟୁଁ ରେଜିମେଣ୍ଟ ଏହାର ନେତୃତ୍ୱ ନେଇଥିଲା । ରୁଷ ଏବଂ ବେଲାରୁଷଙ୍କ ନେତୃତ୍ୱରେ

ହୋଇଥିବା ଏହି ସମାରାଭ୍ୟାସରେ ୧ ଲକ୍ଷ ସୈନ୍ୟ ସାମିଲ ହୋଇଥିଲେ । ସାମରିକ ସହଯୋଗ, କାର୍ଯ୍ୟ ଦକ୍ଷତା ଏବଂ ରଣନୀତି ଆଦାନପ୍ରଦାନ ଉପରେ ଏଥିରେ ବିଶେଷ ଧ୍ୟାନ ଦିଆଯାଇଥିଲା । ସେନାର କାର୍ଯ୍ୟ ଦକ୍ଷତା ବୃଦ୍ଧି ତଥା ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର ପାଇଁ ଏହି ସମାରାଭ୍ୟାସ ଏକ ମଞ୍ଚ ପ୍ରଦାନ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

## ଏସିଆକପ୍

ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ବାଂଲାଦେଶ ବିଜେୟୀ ହୋଇଛି । ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନକୁ ବାଂଲାଦେଶ ୮ ରନ୍‌ରେ ପରାସ୍ତ କରିଛି । ଆବୁଧାବିର ଶେଖ୍ ଜୟେଦ୍ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୫୪ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ତାଞ୍ଜିଦ୍ ହସନ୍ ତାମିଲ୍ ୫୨ରନ୍ ସଂଗ୍ରହ କରିଥିଲେ । ୧୫୫ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆଫ୍‌ଗାନିସ୍ତାନ ସମସ୍ତ ୱିକେଟ୍ ହରାଇ ୧୪୬ରନ୍ ସଂଗ୍ରହ କରିଥିଲା । ଏହି ବିଜୟ ସହ ବାଂଲାଦେଶ ସୁପର ଫୋର୍ ପର୍ଯ୍ୟାୟକୁ ଉନ୍ନିତ ହେବାର ଆଶା ରହିଛି । ଆଜି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ଠାରେ

ଭାରତୀୟ ସମୟ ରାତି ୮ଟାରେ ପାକିସ୍ତାନ ଓ ସଂଯୁକ୍ତ ଆରବ ଏମିରେଟସ୍ ମଧ୍ୟରେ ମୁକାବିଲା ହେବ ।

# ପିଏମ୍-ମେମେଣ୍ଟୋ

ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଇଥିବା ୧ ହଜାର ୩୦୦ରୁ ଊର୍ଦ୍ଧ୍ୱ ଉପହାର ଗୁଡ଼ିକର ଅନ୍‌ଲାଇନ୍‌ରେ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି । ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀଙ୍କ ଉପହାର ଇ-ନିଲାମ ପ୍ରକ୍ରିୟାର ସପ୍ତମ ସଂସ୍କରଣରେ ଉଦ୍‌ବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଏହି ଉପହାରଗୁଡ଼ିକ ମଧ୍ୟରେ ବିଭିନ୍ନ ପଟ୍ଟଚିତ୍ର, ହସ୍ତଶିଳ୍ପ, ଭାସ୍କର୍ଯ୍ୟ, ଦେବୀଦେବତାମାନଙ୍କର ପ୍ରତୀମୂର୍ତ୍ତି ତଥା ବିଭିନ୍ନ ଖେଳ ସାମଗ୍ରୀ ଅନ୍ତର୍ଭୁକ୍ତ ରହିଛି । ଏହି ଇ-ନିଲାମି ପ୍ରକ୍ରିୟାରେ ମିଳିବାକୁ ଥିବା ଅର୍ଥ ଗୁଡ଼ିକୁ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଯେପରିକି ନମାମି ଗଙ୍ଗେ ମିଶନ୍ ଗୁଡ଼ିକରେ ଖର୍ଚ୍ଚ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ଗତ ନିଲାମି ପ୍ରକ୍ରିୟାରେ ସରକାର ୫୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ପାଇଥିବା ଶ୍ରୀ ସୂଚନା ଦେଇଛନ୍ତି ।